# ଓଡ଼ିଶା ପ୍ରତି ଅବିଚାର ଜାରି ରହିଲେ ଦେଶର ଅର୍ଦ୍ଧେକ ଅନ୍ଧକାର ହୋଇଯିବ

## ଲୋକସଭାରେ ରାଜ୍ୟର ସାଂସଦଙ୍କ ଚେତାବନୀ

ନୂଆଦିଲ୍ଲୀ,ତା୮।୫(ନି.ପ୍ର)– ଓଡ଼ିଶାରେ ଏକ ଆଇଆଇଟି ଓ ଆଇଆଇଏମ୍ ପ୍ରତିଷ୍ଠା କରିବା ପାଇଁ ଲୋକସଭାରେ ବିଜୁ ଜନତା ଦଳର ନେତା ବ୍ରଜକିଶୋର ତ୍ରିପାଠୀ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି । ଏକାଦଶ ପଞ୍ଚବାର୍ଷିକ ଯୋଜନା ଅଧୀନରେ ରାଜ୍ୟରେ ଏକ ଆଇଆଇଟି ସ୍ଥାପନାର ଆବଶ୍ୟକତା ଉପରେ ଗୃହରେ ଆସିଥିବା ଧ୍ୟାନ ଆକର୍ଷକ ପ୍ରସ୍ତାବ ନେଇ ଆଲୋଚନା ଆରମ୍ଭ କରି ଶ୍ରୀ ତ୍ରିପାଠୀ ଦେଶ ସ୍ୱାଧୀନତାର ୬ ଦଶକ ପରେ ମଧ୍ୟ ରାଜ୍ୟରେ କୌଣସି ଏକ କେନ୍ଦ୍ରୀୟ ସଂସ୍ଥାନ ପ୍ରତିଷ୍ଠା ହୋଇପାରି ନଥିବା ଦର୍ଶାଇ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଥିଲେ । ବର୍ତ୍ତମାନର କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗ ରାଷ୍ଟ୍ରମନ୍ତ୍ରୀ ଏଏ ଫାତ୍‌ମୀ ୨୦୦୬ ମସିହା ଅଗଷ୍ଟ ୨୮ ତାରିଖ ଦିନ ଦେଶରେ ପ୍ରସ୍ତାବିତ ତିନୋଟି ଆଇଆଇଟି ମଧ୍ୟରୁ ଗୋଟିଏ ଓଡ଼ିଶାରେ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ । ପରବର୍ତ୍ତୀ କାଳରେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିବା ଶ୍ରୀ ତ୍ରିପାଠୀ ଅଭିଯୋଗ କରିଥିଲେ । ରାଜ୍ୟରେ ପ୍ରତିଷ୍ଠା ହେବାକୁଥିବା ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ୟୁପିଏ ସରକାର ସ୍ଥାନାନ୍ତର କରିବାର ଅପମାନ ଓଡ଼ିଶାର ଜନସାଧାରଣ ଭୁଲିବା ପୂର୍ବରୁ ପ୍ରସ୍ତାବିତ ଆଇଆଇଟି ନିଷ୍ପତ୍ତିକୁ ବଦଳାଯିବା ରାଜ୍ୟବାସୀଙ୍କ ପାଇଁ କଟା ଘାରେ ଲୁଣ ମରାଯିବା ସଦୃଶ ହୋଇଥିବା ସେ କହିଥିଲେ । ଏପରିକି ଭୁବନେଶ୍ୱରଠାରେ ଖଡ଼ଗପୁର ଆଇଆଇଟିର ଏକ ଶାଖା ନିର୍ମାଣ ପାଇଁ ରାଜ୍ୟ ସରକାର ୩୦୦ ଏକର ଜାଗା ମାଗଣାରେ ଯୋଗାଇ ଦେଉଥିବାବେଳେ କେନ୍ଦ୍ରସରକାର ଏହାକୁ କାର୍ଯ୍ୟକାରୀ କାହିଁକି କରୁନାହାନ୍ତି ବୋଲି ଶ୍ରୀ ତ୍ରିପାଠୀ ଜାଣିବାକୁ ଚାହିଁଥିଲେ । ଭାରତବର୍ଷର ଅଧାଅଧି ରାଜ୍ୟକୁ ଓଡ଼ିଶା ଆଲୋକ ଯୋଗାଉଥିବାବେଳେ ରାଜ୍ୟ ପ୍ରତି ଏହି ଅନ୍ୟାୟ ଲାଗି ରହିଲେ ଦେଶର ଅର୍ଦ୍ଧଭାଗ ଅନ୍ଧକାର ମଧ୍ୟରେ ରହିବାକୁ ପ୍ରସ୍ତୁତ ହୁଅନ୍ତୁ ବୋଲି ସେ ଚେତାବନୀ ଦେଇଥିଲେ । ରାଜ୍ୟରେ ବୃଦ୍ଧି ପାଉଥିବା ହିଂସା ଓ ନକ୍ସଲ କାର୍ଯ୍ୟକଳାପ ପୃଷ୍ଠଭୂମିରେ ଓଡିଶା ପ୍ରତି ଏଭଳି କ୍ରମାଗତ ଅବିଚାର ଦେଶର ସଂହତି ଓ ଏକତା ପ୍ରତି ସହାୟକ ହେବ ନାହିଁ ବୋଲି ଶ୍ରୀ ତ୍ରିପାଠୀ ଆଶଙ୍କା ପ୍ରକାଶ କରିଥିଲେ । ଏହି ବିତର୍କରେ ଭାଗ ନେଇ ବିଜେପିର ଉପମୁଖ୍ୟ ସଚେତକ ତଥା ବାଲେଶ୍ୱରର ସାଂସଦ ଖାରବେଳ ସ୍ୱାଇଁ ଓଡ଼ିଶା ପ୍ରତି ଐତିହାସିକ ଅନ୍ୟାୟ ପ୍ରଦର୍ଶନ କରାଯାଉଥିବା ଓ ରାଜ୍ୟର ବିକାଶ ପ୍ରତି କ୍ରମାଗତ ଭାବେ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ । କେନ୍ଦ୍ରର ୟୁପିଏ ସରକାର ଦେଶର ସବୁ ଅଞ୍ଚଳର ସାମୂହିକ ବିକାଶ କରୁଥିବା ବିଷୟ ଦାବି କରୁଥିବାବେଳେ ଓଡ଼ିଶାରେ ବୈଷୟିକ ଶିକ୍ଷା ପାଇଁ କୌଣସି କେନ୍ଦ୍ରୀୟ ସଂସ୍ଥାନ ନରହିବା ପରିତାପର ବିଷୟ ବୋଲି ସେ କହିଥିଲେ । ଏହା କୌଣସି ପ୍ରକାର ସାମଗ୍ରିକ ବିକାଶର ନିଦର୍ଶନ ନୁହଁ । ରାଜ୍ୟରେ ଏକ ଆଇଆଇଟି ପ୍ରତିଷ୍ଠା ପାଇଁ ହେଉଥିବା ଦାବି ଯେ ପର୍ଯ୍ୟନ୍ତ ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଗୃହ ମଧ୍ୟରେ ଓ ବାହାରେ ଆମେ ଏହି ଦାବି ଉପସ୍ଥାପନ କରି ଚାଲିଥିବୁ ବୋଲି ଶ୍ରୀ ସ୍ୱାଇଁ ଘୋଷଣା କରିଥିଲେ । ଆଲୋଚନାରେ ଅଂଶ ଗ୍ରହଣ କରି କଟକ ସାଂସଦ ଭର୍ତ୍ତୃହରି ମହତାବ ୮୦ ଦଶକରେ ତତ୍କାଳୀନ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କେ.ଆର ନାରାୟଣନ୍, ସାଂସଦ ଜୟନ୍ତୀ ପଟ୍ଟନାୟକଙ୍କର ଏକ ପ୍ରଶ୍ନର ଉତ୍ତରରେ ଭବିଷ୍ୟତରେ ଦେଶରେ ଅଧିକ ଆଇଆଇଟି ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଗଲେ ଏ ମଧ୍ୟରେ ଓଡ଼ିଶାକୁ ଅନ୍ତର୍ଭୁକ୍ତ କରାଯିବାର ପ୍ରତିଶ୍ରୁତି ଦେଇଥିଲେ ବୋଲି ଉଲ୍ଲେଖ କରିଥିଲେ । ପୂର୍ବତନ ରାଷ୍ଟ୍ରପତିଙ୍କର ଏହି ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ଶ୍ରୀ ମହତାବ ପ୍ରଶ୍ନ କରିଥିଲେ ।

ଚର୍ଚ୍ଚାରେ ଭାଗନେଇ ସମ୍ବଲପୁର ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଓଡ଼ିଶାରେ ପୋସ୍କୋ, ମିତ୍ତଲ ଭଳି ବୃହଦାକାୟ କମ୍ପାନୀଗୁଡ଼ିକ ୭୦ନିୟୁତ ଟନ ଉତ୍ପାଦନକ୍ଷମ ଇସ୍ପାତ ୪ନିୟୁତ ଟନ୍‌ରେ ଆଲୁମିନା ଓ ୩୦ ହଜାର ମେଗାୱାଟ ବିଦ୍ୟୁତ୍‌ଶକ୍ତି କାରଖାନ ନିର୍ମାଣ କରୁଥିବା ଦୃଷ୍ଟିରୁ ଏଠାରେ ନୂତନ ଶିଳ୍ପ ବିପ୍ଳବ ସୃଷ୍ଟି ହେବାକୁ ଯାଉଥିବା ସୂଚାଇଥିଲେ । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବୈଷୟିକ ବିଶେଷଜ୍ଞଙ୍କର ଚାହିଦା ଯଥେଷ୍ଟ ବଢ଼ିଯାଇଥିବାରୁ ଏଠାରେ ତୁରନ୍ତ ଏକ ଆଇଆଇଟି ପ୍ରତିଷ୍ଠା କରିବାକୁ ଶ୍ରୀ ଆଚାର୍ଯ୍ୟ ଦାବି ଜଣାଇଥିଲେ ଦିଲ୍ଲୀ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଭଳି ରାଜ୍ୟ ତୁଳନାରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଖର୍ଚ୍ଚ ଏକବାରେ ତୁଚ୍ଛ ବୋଲି ଦର୍ଶାଇ ବୁର୍ଲା ଇଂଜିନିୟରିଂ କଲେଜକୁ ଆଇଆଇଟିର ମାନ୍ୟତା ଦେବାକୁ ସେ ପ୍ରସ୍ତାବ ଦେଇଥିଲେ ।କେନ୍ଦ୍ର ୟୁପିଏ ସରକାର ଓଡ଼ିଶାରେ ପ୍ରସ୍ତାବିତ ଆଇଟିକୁ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର କରିବା ଫଳରେ ରାଜ୍ୟର ସ୍ୱାଭିମାନର ଯଥେଷ୍ଟ ହାନି ଘଟିଥିବ ସୂଚାଇ ଏହାକୁ ଓଡ଼ିଶାବାସୀ ବରଦାସ୍ତ କରିବେ ନାହିଁ ବୋଲି ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଉଲ୍ଲେଖ କରିଥିଲେ ।